ISSN: 2456-9194, Vol. I, Issue. IV, March 2018



ପ୍ରତ୍ୟୟ

(Journal of Odia Language, Culture and Science)

JournalHomepage:http://cphfs.in/research.php

# ମୂର୍ଖ ନାୟକ ଚାଟ – ଦୀନକୃଷ୍ଣ

ନୀଳାଦ୍ରି ଭୂଷଣ ହରିଚନ୍ଦନ
ଅବସରପ୍ରାପ୍ତ ପ୍ରଫେସର
ଓଡ଼ିଆ ବିଭାଗ, ବିଶ୍ୱଭାରତୀ, ଶାନ୍ତିନିକେତନ
କେ-୩, କଳିଙ୍ଗ ବିହାର, ଭୁବନେଶ୍ୱର – ୨ ୯
ଇ-ମେଲ୍: nbharichandan@gmail.com
ମୋବାଇଲ : ୭୩୭୭୩୩୯୯୩୭

ପାରିପାର୍ଶ୍ୱିକ ଜଗତର ସବୁ ଗରଳ ପାନ କରି ସଂସାର ପାଇଁ ଯେ ଅମୃତଦାନ କରିପାରେ, ସେ କବି । ଆପଣାକୁ ନିଃଶେଷ କରି ଅଜାଡ଼ି ଦେବାପରି ପ୍ରବଣତା ବୋଧହୁଏ କବି ଛଡ଼ା ଅନ୍ୟ କୌଣସି ମଣିଷର ନାହିଁ । କିନ୍ତୁ, ଏଇ ଅମୃତଦାନକାରୀ ମଣିଷଟିର ହୃଦୟର ନିଭୃତ କୋଣରେ ଅହରହ ଯେଉଁ ବ୍ୟଥା ଗୁମୁରି ଉଠୁଥାଏ, ତାକୁ ଅନୁଭବ କରିବାର କ୍ଷମତା ବହନ କରିପାରେ କେବଳ ସମଭାବାପନ୍ନ ଦରଦୀ ପାଠକଟିଏ । ସେଥିପାଇଁ ହିଁ ସେ ସହୃଦୟ । ଏପରି ଜଣେ ସହୃଦୟକୁ କବି କେବେ ବିକଳରେ ଖୋଜି ଚାଲିଛି ସାରାଜୀବନ । କାରଣ, ତା'ର ହୃଦୟଟିଏ ଦରକାର, ତା'ର ସହାନୁଭୂତି ଟିକିଏ ଦରକାର । ସେ କେବେ ଆର୍ଥିକ ସ୍ୱଚ୍ଛଳତା ପାଇଁ ଅରସିକ ପୃଷ୍ଠପୋଷକର ଦ୍ୱାରସ୍ଥ ହେବାକୁ ଚାହିଁ ନାହିଁ ଆନ୍ତରିକ ଭାବେ । ହୁଏତ ପରିସ୍ଥିତିର ଚାପରେ କେତେବେଳେ ତାକୁ ମୂର୍ଖ ନାୟକ ଚାଟ ହେବାକୁ ପଡ଼ିଛି । ଦୀନକୃଷ୍ଣ କେତେ ଦୁଃଖରେ ବିଷୟ-ଜଂଜାଳ ଆଗରେ ଛୋଟ ହୋଇଯାଇଥିବା, ସଂକୁଚିତ ହୋଇ ପଡୁଥିବା କବି ବ୍ୟକ୍ତିତ୍ୱର ଗଭୀର ଦୁଃଖଟିକୁ ବାରମ୍ବାର ପ୍ରକାଶ କରିଯାଇଛନ୍ତି 'କେତେବେଳରେ ମୂର୍ଖ ନାୟକ ଚାଟ' ପରି ଧାଡ଼ିରେ ।

"କାହିଁକି ମୋତେ ସଂସାର ଲଟ, ମଧରେ ପ୍ରଭୁ କଲ ସଂଘଟ
କିକେଁ ନ କଲ ଚରଣ ପଦ୍ମ କୁସୁମ ଲିଟ ହେ ।
କିପାଁ ଛାଡ଼ନ୍ତି ଭଗତି ବାଟ, ଆନନ୍ଦ ହୋଇ କରନ୍ତି ନାଟ,
ଏବେ ଅନେକ ରୂପ କଲାନି ଏ ପୋଡ଼ା ପେଟ ହେ ।
କେତେବେଳେ ବୋହିତେ ଗଲା କରଟ ହେ ।
କେତେବେଳରେ ମୂର୍ଖ ନାୟକ ଚାଟ ହେ ।
କେତେବେଳେ ଅଦୃଶ୍ୟ ନଟ, କେତେବେଳରେ ବଧିର ଭାଟ
କେତେବେଳରେ ପଇଡ଼ ଖୋଳା ମୁଠି ମର୍କଟ ହେ ।" (ରସକଲ୍ଲୋଳ – ୧୬:୨୬)

ପୋଡ଼ା ପେଟ ପାଇଁ ମୂର୍ଖ ନାୟକର ଚାଟ ହେବା ଯେ କେତେ ମର୍ମନ୍ତୁଦ ହୋଇପାରେ, ତାହା ରସକଲ୍ଲୋଳର ଅନେକ ସ୍ଥାନରେ କବିର ଅଜାଣତରେ ସ୍ୱତଃସ୍ଫୂର୍ତ୍ତ ଭାବରେ ଫୁଟିଉଠିଛି । 'କୃଷ୍ଣକଥା' କହୁଥିବା କବିଟିଏ ନିଜର କାବ୍ୟ ଯୋଜନା ସମ୍ପର୍କରେ ଯଥେଷ୍ଟ ସଚେତନ ଥିବାବେଳେ କିପରି 'ନିଜକଥା' କହି ପକେଇଛି ବେଳ ଅବେଳରେ, କେଉଁଠି ପ୍ରତ୍ୟକ୍ଷ ଭାବରେ ତ କେଉଁଠି ପରୋକ୍ଷ ଭାବରେ । କେତେ ଦୁଃଖ ହେଲେ ମଣିଷ ଏମିତି ଯେକୌଣସି ସ୍ଥାନରେ ଯେକୌଣସି ପରିବେଶରେ ଛାତି ଭିତରେ ଲୁଚାଇ ରଖିଥିବା କ୍ଷତ ଜାଗାଟିକୁ ଦେଖାଇଦିଏ? କାହିଁକି ତା'ର ବାରମ୍ବାର ମରିଯିବାକୁ ଇଚ୍ଛା ହୁଏ ଆତ୍ମଘାତୀ ହୋଇ?

"କବି ଯା କରେ ମୂର୍ଖକୁ ସ୍ତୁତି, ଏଥିରୁ ବଡ଼ ନାହିଁ ବିପତ୍ତି
ଏଥିକି ପ୍ରତି ଛାତିରେ କାତି ମାରିବା ଭଲ ହେ ।"
(ରସକଲ୍ଲୋଳ – ୧୬:୨୯)

ଏଇ ଦୁଃଖ, ଏଇ ଅଭାବବୋଧ ଭିତରେ କିପରି କବି ଆତ୍ମାଟିଏ ଢଳଢଳ କମଳ ପରି ବିକଶିତ ହୋଇଯାଏ, ବଡ଼ ଆଶ୍ଚର୍ଯ୍ୟ ଲାଗେ । କବିର ଦୁଃଖ ତ କେବଳ ବୈଷୟିକ ନୁହେଁ, ବେଶୀ ଗଭୀରର ଦୁଃଖ ହେଉଛି ମାନସିକ । ମାନସ ରାଜ୍ୟ ଭିତରେ ଅନେକ କିଛି ନ ପାଇବାର ଯନ୍ତ୍ରଣାରୁ ଯେଉଁ ଆଲୋଡ଼ନ ସୃଷ୍ଟି ହୁଏ, ତାହାହିଁ ସବୁ ଅଭାବବୋଧକୁ ପୂର୍ଣ୍ଣ କରି, ସବୁ ରିକ୍ତତାକୁ ପ୍ରାଚୁର୍ଯ୍ୟରେ ଭରିଦେଇ ଆନନ୍ଦମୟୀ କବିତା ଭାବେ ରୂପାନ୍ତରିତ ହୋଇଯାଏ । ସେଥିପାଇଁ ହିଁ କାବ୍ୟ କ୍ଷେତ୍ରରେ ଅଶ୍ରୁରୁ ଆନନ୍ଦର ଆସ୍ୱାଦନ ଘଟିପାରେ ।

ଯେଉଁମାନେ 'ଅନ୍ନଚିନ୍ତା ଚମତ୍କାରା କାତରେ କବିତା କୁତଃ' ଭଳି ନିତାନ୍ତ ଅକାବ୍ୟିକ ଗଦ୍ୟମୟ କଥାଟିଏ କହିଛନ୍ତି, ସେମାନଙ୍କର କବିସତ୍ତା ପ୍ରତି ସନ୍ଦେହ ଜନ୍ମେ । ଜଣେ କବି ତା'ର ସହସ୍ର ଦାରିଦ୍ର୍ୟ ଭିତରେ ମଧ୍ୟ ଆପଣାର ସୃଷ୍ଟି ମୁହୂର୍ତ୍ତ ସମ୍ପର୍କରେ ଏ କଥା କହିନପାରେ । ଯେଉଁ ଦିନ ଏଇ କଥାଟିକୁ ସେ ଗଭୀର ଭାବରେ ଭାବିବ, ସେଇ ଦିନ ତା'ର କବିତ୍ୱ ଉତ୍ସଟି ଆପେ ଆପେ ବନ୍ଦ ହୋଇଯିବ । ଧନରେ ଦରିଦ୍ର କବିଟି, ମନରେ ଦରିଦ୍ର ନୁହେଁ । ସମସ୍ତ ଅପ୍ରାପ୍ତି ଭିତରେ ହିଁ ସେ ଐଶ୍ୱର୍ଯ୍ୟବନ୍ତ ।

ଯୁଗେ ଯୁଗେ କବିର ବେଦନାଦଗ୍ଧ ହୃଦୟ ହୋଇଆସିଛି କବିତାର ଜନ୍ମଭୂମି । କୌଣସି ନା କୌଣସି କାରଣରୁ କିମ୍ବା ଅହେତୁକଭାବେ କବି ହୃଦୟରେ ବେଦନାବୋଧ ସୃଷ୍ଟି ନ ହେଲେ କାବ୍ୟିକ ଆବେଗର ସ୍ଫୁରଣ ଘଟେ ନାହିଁ । ପୃଥିବୀର ସବୁ ଶ୍ରେଷ୍ଠ କବିତାର ଜନ୍ମ ବୋଧହୁଏ ଘଟିଛି ଏଇପରି ଏକ ଏକ କରୁଣ ଆବେଗରୁ । ବାଲ୍ମୀକିଙ୍କର ପ୍ରଥମ କବିତାର ସ୍ଫୁରଣ ତ ଏକ ଗଭୀର ବିଷାଦବୋଧରୁ, ନିଃସଂଗ କ୍ରୌଞ୍ଚର ଶୋକାତୁର ଅବସ୍ଥାର ଉପଲବ୍ଧିରୁ । ଏଇ ଉପଲବ୍ଧିରୁ ସୃଷ୍ଟ କବିତ୍ୱ ମହନୀୟତାର ଚରମ କୋଟି ସ୍ପର୍ଶ କରିବା ସ୍ୱାଭାବିକ ।

ଠିକ୍ ଏଇ କଥା ଆମେ ଲକ୍ଷ୍ୟ କରିବା ଦୀନକୃଷ୍ଣଙ୍କ କବିତାରେ । ଗଭୀର ବେଦନାମୟ ଅନୁଭୂତିରୁ ଉତ୍ସାରିତ କରିବା କେତେ ପ୍ରାଣପୂର୍ଣ୍ଣ, କେତେ ସ୍ୱଚ୍ଛ, କେତେ ଲଳିତ । ପ୍ରତ୍ୟକ୍ଷ ଭାବେ ପ୍ରକାଶିତ ଦୀନକୃଷ୍ଣ ଯେତିକି କରୁଣ, ତା' ଅପେକ୍ଷା ବହୁତ ବେଶି କରୁଣ ଯେତେବେଳେ ସେ ଆତ୍ମପ୍ରକାଶ କରିଛନ୍ତି ପରୋକ୍ଷ ଭାବରେ । ଏଇ କରୁଣ ମଧୁର ଭାବ ହିଁ ରସକଲ୍ଲୋଳରେ ତାଙ୍କ ନିର୍ମଳ କବିତ୍ୱର ଦ୍ୟୋତକ ।

ମଧ୍ୟଯୁଗୀୟ କାବ୍ୟ ଜଗତର ଦୁଇଜଣ ମହିମାମୟ ପୁରୁଷ ଦୀନକୃଷ୍ଣ ଓ ଉପେନ୍ଦ୍ର ଭଞ୍ଜ । ଅଭାବର ତାଡ଼ନାରେ ଦୀନକୃଷ୍ଣଙ୍କ କବିତା ଯେଉଁ କାବ୍ୟୈଶ୍ୱର୍ଯ୍ୟ ଲାଭ କରିଛି, ପ୍ରାଚୁର୍ଯ୍ୟ କୋଳରେ ଲାଳିତ ଉପେନ୍ଦ୍ର ଭଞ୍ଜଙ୍କ କବିତା ସେହି କାବ୍ୟୈଶ୍ୱର୍ଯ୍ୟଠାରୁ ଅନେକ ଦୂରରେ । କେବଳ ଉପେନ୍ଦ୍ର ଭଞ୍ଜଙ୍କଠାରୁ ନୁହନ୍ତି, ଅନ୍ୟ ଅନେକ କବିଙ୍କଠାରୁ ନିଜକୁ ଭିନ୍ନ କରି ଏକ ସ୍ୱତନ୍ତ୍ର ପଟ୍ଟଭୂମିରେ ଦୃଢ଼ ଭାବରେ ଠିଆ ହୋଇପାରିଛନ୍ତି ଦୀନକୃଷ୍ଣ ଆପଣାର କବି-ବ୍ୟକ୍ତିତ୍ୱ ଯୋଗୁଁ ।

ସମଗ୍ର ମଧ୍ୟଯୁଗୀୟ ଓଡ଼ିଆ କାବ୍ୟରେ କେହି ଜଣେ ହେଲେ କବି ଦୀନକୃଷ୍ଣଙ୍କ ଭଳି କହିପାରି ନାହାନ୍ତି – "କବି ହୋଇ କରୁଥିବ ନିର୍ମଳ କବିତ୍ୱ ।" କବିତ୍ୱ ନିକଟରେ କୁଟିଳତା, ଅସ୍ୱଚ୍ଛତା ଚଳେ ନାହିଁ । କବି ଯେତିକି ପରମ୍ପରାକୁ ଅନୁସରଣ କରି ପୁରୁଣା କାବ୍ୟରୀତି ଭିତରେ ବାନ୍ଧି ହୋଇଯିବାରୁ ଆଗ୍ରହୀ ହେବ, ସେତିକି ସେ ହୋଇପଡ଼ିବ କୁଟିଳ, ଅସ୍ୱଚ୍ଛ । ଯେଉଁଠି କବି ଚିତ୍ତର ସ୍ୱାଧୀନ ପ୍ରକାଶ ନାହିଁ, ସେଠାରେ ନିର୍ମଳ କବିତ୍ୱ ସମ୍ଭବପର ହେବ କିପରି? ଦୀନକୃଷ୍ଣ ଯେଉଁଠି ପରମ୍ପରାକୁ ଅନୁସରଣ କରିବାକୁ ଚେଷ୍ଟା କରିଛନ୍ତି, ସେଠାରେ ଯଥାର୍ଥ କବିତ୍ୱର ସ୍ଫୁରଣ ଘଟିବାରେ ବହୁ ବାଧା ସୃଷ୍ଟି ହୋଇଛି । ଏହିପରି ଅନେକ ଛାନ୍ଦ ପରମ୍ପରାମୁଖୀନତା ହେତୁ ହୋଇଉଠିଛି ଏକାନ୍ତ ଚମତ୍କାକାରିତାହୀନ । କିନ୍ତୁ, ମଝିରେ ମଝିରେ ଯେଉଁଠି କବିଙ୍କର ନିଜସ୍ୱ କଳ୍ପନା କବିତା ହୋଇ ଠିଆ ହୋଇଛି, ସେଇଠାରେ ହିଁ କିଛି ଆଲୋଡ଼ନର ସଂଚାର ଘଟିଛି । କବି ଯେଉଁଠି କବିତା ଭିତରେ ନିଜକୁ ପ୍ରକାଶ କରିବାକୁ ଚେଷ୍ଟା କରିଛନ୍ତି ପରୋକ୍ଷ ଭାବରେ, ସେଇଠି ହିଁ ଆମ୍ଭେମାନେ ବିମଳ କବିତ୍ୱର ସ୍ପର୍ଶ ପାଇଥାଉ । ହୃଦୟ କାସାରର ସ୍ୱଚ୍ଛ ଜଳରେ କବିତ୍ୱର ପଦ୍ମ ଫୁଟିଲେ ରସିକ ହୃଦୟ ଆହ୍ଲାଦିତ ହେବା ସ୍ୱାଭାବିକ । ରସିକକୁ ନିର୍ମଳ କବିତ୍ୱର ଆସ୍ୱାଦନ ଦେଇ ମୋହଗ୍ରସ୍ତ କରାଇବା ହିଁ ଦୀନକୃଷ୍ଣଙ୍କ କବିତ୍ୱର ଧର୍ମ ।

"କବି ହୋଇ କରୁଥିବ ନିର୍ମଳ କବିତ୍ୱ
କର୍ଣ୍ଣ ଦେଇ ଶୁଣୁଥିବ ରସିକ ପଣ୍ଡିତ ।"
(ରସକଲ୍ଲୋଳ – ୭:୪୦)

ଏଇ ନିର୍ମଳ କବିତ୍ୱ ହେଉଛି ମଳୟ ପବନ ପରି ସ୍ନିଗ୍ଧ, ସୁଶୀତଳ, ସୌରଭମୟ- ଯାହା ରସିକ ତରୁର ହୃଦୟରେ ଲାଗି ତାକୁ ପଲ୍ଲବିତ କରାଏ ।

"କବିତ୍ୱ ମଳୟ ପବନ ମତ
କରେ ରସିକ ତରୁ ପଲ୍ଲବିତ ।" (ରସକଲ୍ଲୋଳ – ୩୪ : ୨୮)

କବିତା ଓ କବିତାର ଗ୍ରାହକତା ବିଷୟରେ ଏପରି ସୁନ୍ଦର କବିତ୍ୱପୂର୍ଣ୍ଣ ଉକ୍ତିଟିଏ ବୋଧହୁଏ ଆମ କାବ୍ୟ ସାହିତ୍ୟରେ ଦୁର୍ଲ୍ଲଭ । କବି ଯେତେବେଳେ ନିଜର ଗ୍ରାହକତା ସମ୍ପର୍କରେ ସଚେତନ ହେବ, ସେ କେବେହେଲେ ଛଦ୍ମ କବିତ୍ୱର ଆଚରଣ ଭିତରେ ନିଜକୁ ଢାଙ୍କି ରଖିପାରିବ ନାହିଁ । ନିଜର ଉଚ୍ଛଳ ଭାବରାଶିର କୋମଳ ଉପାଦାନରେ ଅନାୟାସରେ ଗଢ଼ି ଦେଇପାରିବ ଚଳଚଞ୍ଚଳ ଜୀବନ୍ତ କାବ୍ୟ ନାୟିକାଟିଏ ।

"କଣିଆଇଁ ଚାହୁଁଥିବ ନାସିକା ଫୁଲାଇ
କହୁଥିବ ବକ୍ରବାଣୀ ଅଳପ ଗେଲାଇ ।
କର୍ଣ୍ଣ ତାହା ଶୁଣୁଥିବ ଦେଖୁଥିବ ନେତ୍ର
କଲେ ତାରତମ ସ୍ୱର୍ଗ ସୁଖ କେତେ ମାତ୍ର ।"
(ରସକଲ୍ଲୋଳ – ୭ : ୩୮)

ପ୍ରକୃତରେ ଏପରି ଚାହୁଁଥିବା ଓ କହୁଥିବା କାବ୍ୟ ନାୟିକାଟିଏ ହିଁ ପାଠକକୁ ଯଥାର୍ଥ ସ୍ୱର୍ଗସୁଖ (ଯଦି ଏପରି କିଛି ପରମ ସୁଖ ଥାଇପାରେ) ଦେବାକୁ ସମର୍ଥ । ଉପେନ୍ଦ୍ର ଭଞ୍ଜ ବହୁ ପରିଶ୍ରମ କରି ପଦ୍ମରୁ ସୁବାସ, ଚନ୍ଦ୍ରରୁ ଆହ୍ଲାଦ, ଦର୍ପଣରୁ ଉଜ୍ଜ୍ୱଳତା, ଲହରୀରୁ କୁଟିଳତା, କଜ୍ଜ୍ୱଳରୁ କାଳିମା, କୁରଙ୍ଗ ଓ ତରଙ୍ଗରୁ ଚଞ୍ଚଳତା, ପୋହଳା ବା କୋମଳ ପତ୍ରରୁ ରକ୍ତିମା, ଲବଣୀ ବା ଶିରୀଷ ଫୁଲରୁ କୋମଳତା, ସୁବର୍ଣ୍ଣରୁ ବର୍ଣ୍ଣ, ରାଜହଂସଠାରୁ ଗତି – ଏପରି ଅନେକ ଉପାଦାନ ଆଣି ତାଙ୍କର ଯେଉଁ କାବ୍ୟ ନାୟିକାମାନଙ୍କୁ ଗଢ଼ିଛନ୍ତି, ସେମାନଙ୍କ ଭିତରୁ କିଏ ଦୀନକୃଷ୍ଣଙ୍କର ଏହି ମୂର୍ତ୍ତିମତୀ ସୌନ୍ଦର୍ଯ୍ୟର ସମକକ୍ଷ ହେବ?

ଉଭୟ ବାସ୍ତବତା ଓ କଳ୍ପନାର ସମନ୍ୱୟର ଦୀନକୃଷ୍ଣଙ୍କ କବିତ୍ୱ ବିକଶିତ । ମଧ୍ୟଯୁଗୀୟ କବିମାନଙ୍କ କବିତାରେ ଏଇ ବାସ୍ତବତାରେ ପରିମାଣ କିନ୍ତୁ ଅନେକ କମ୍ । ସେମାନଙ୍କର ନାୟକ ନାୟିକା ଏବଂ ପରିଶେ କେବଳ କଳ୍ପନା ଉପରେ ନିର୍ଭରଶୀଳ । କାବ୍ୟ ଶରୀରରେ କବିର ବ୍ୟକ୍ତିଗତ ଅନୁଭୂତିର ପ୍ରତିଫଳନ କ୍ୱଚିତ ପରିଦୃଷ୍ଟ । କବି ବହୁ ସମୟରେ ଶବ୍ଦ ଯୋଜନା – କୌଶଳ ଉପରେ ଏତେ ନିର୍ଭରଶୀଳ ହୋଇଛି ଯେ କବିର ସ୍ୱଚ୍ଛ ଅନୁଭୂତିଟି ପ୍ରକାଶ ପାଇବା ଲାଗି ଅବକାଶ ପାଇନାହିଁ । ପୁଣି ବାସ୍ତବ ଜୀବନଠାରୁ କାବ୍ୟ-ଚରିତ୍ରଗୁଡ଼ିକର ଜୀବନ ବହୁ ପରିମାଣରେ ଦୂରେଇ ଯାଇଛି । ଏଇ ବାସ୍ତବ ଅବାସ୍ତବର ବିଚାରରେ ଦୀନକୃଷ୍ଣ କବିମାନଙ୍କ

ସମ୍ପର୍କରେ ଅତି ସାଧାରଣ ପରି ଜଣାପଡୁଥିବା ଅସାଧାରଣ କଥାଟିଏ କହିଛନ୍ତି –

"କବି ଯେ ସତମିଛ କରି କୁହନ୍ତି
କବିତ୍ୱ ଚାତୁରୀରେ ମନ ମୋହନ୍ତି ।"

ଏଥିରେ ସତ ହେଉଛି ବାସ୍ତବ ଏବଂ ମିଛ ହେଉଛି କଳ୍ପନା । କବିତ୍ୱ ଚାତୁରୀରେ ମନ ମୋହିବା ପାଇଁ କେତେକ ସମୟରେ ସେ 'କୁଟିଳ ବର୍ଣ୍ଣାବଳୀରେ ଅଦ୍ଭୁତ କାବ୍ୟକଳାର ପ୍ରୟୋଗ କରିଛନ୍ତି, ମାତ୍ର ସେପରି କରିଯାଇଛନ୍ତି ତାଙ୍କର ସମସାମୟିକ ଓ ପୂର୍ବବର୍ତ୍ତୀ କବିମାନେ ।

କବିର ଅନୁଭୂତି ଯେତେବେଳେ ବିଶ୍ୱମାନବର ଅନୁଭୂତିରେ ରୂପାନ୍ତରିତ ହୁଏ, ସେତିକିବେଳେ କବିତା ଏକ ଚିରନ୍ତନ ଶିଳ୍ପରେ ପରିଣତି ଲାଭ କରେ । ଦୀନକୃଷ୍ଣଙ୍କ ସ୍ୱଚ୍ଛ କବିତ୍ୱ ପ୍ରକାଶ ଭିତରେ ଆମେ ଦୁଇ ପ୍ରକାରର ଅନୁଭୂତି ଲକ୍ଷ୍ୟ କରୁ । ଗୋଟିଏ ପ୍ରତ୍ୟକ୍ଷ ଓ ଅନ୍ୟଟି ପରୋକ୍ଷ । ପରୋକ୍ଷ ଅନୁଭୂତି ବିକଶିତ କାବ୍ୟାଂଶ ହିଁ ତାଙ୍କର ଯଥାର୍ଥ କବିତ୍ୱ ଶକ୍ତିର ପରିଚାୟକ ।

ବୈଷ୍ଣବ ଦୀନକୃଷ୍ଣ ଗୋପୀ ଭାବରେ ଶ୍ରୀକୃଷ୍ଣଙ୍କୁ ଲାଭ କରିବା ଲାଗି ସାଧନା କରିଛନ୍ତି । ଯେଉଁ ଶ୍ରୀକୃଷ୍ଣଙ୍କୁ ଲାଭ କରିବା ବୈଷ୍ଣବର ଏକ ମାତ୍ର କାମନା, ତାଙ୍କୁ ଲାଭ ନ କରିବାର ଦୁଃଖ ତା' ପକ୍ଷରେ ବଡ଼ ମର୍ମନ୍ତୁଦ । ବୈଷ୍ଣବମାନଙ୍କର ବିଶ୍ୱାସ ଯେ ଶ୍ରୀକୃଷ୍ଣଙ୍କୁ ଲାଭ କରିବାର ଉପାୟ ହେଉଛି ଗୋପୀଭାବ । କାରଣ ଏହି ଅହଂକାରଶୂନ୍ୟଭାବ ନିଜର ପରମ ପ୍ରିୟତମ ନିକଟରେ ନିଜକୁ ନିଃଶେଷ କରି ଅଜାଡ଼ି ଦେବାପରି ଏକ ପରମ ଆବେଗ, ଗଭୀରତମ ଉଦ୍ମାଦନା । ଦୀନକୃଷ୍ଣ କଳ୍ପନାରେ ଶ୍ରୀକୃଷ୍ଣଙ୍କର ସାନ୍ନିଧ ଲାଭ କରିବାର ବିଡ଼ମ୍ବନାରୁ ମୁକ୍ତି ଲାଭ ପାଇଁ ଆକାରୀଭୂତ ଜଗନ୍ନାଥଙ୍କ ସାନ୍ନିଧ ଲାଭ କରି ତୃପ୍ତିଲାଭ କରୁଥିଲେ । ଶ୍ରୀକୃଷ୍ଣଙ୍କୁ ତ ପାଇବାର ଦୁଃଖ ଜଗନ୍ନାଥଙ୍କୁ ସହଜରେ ପାଇଯିବାର ଗଭୀର ଆନନ୍ଦ ଭିତରେ ପ୍ରଶମିତ ହୋଇଯାଉଥିଲା । ତେଣୁ, ଦୀନକୃଷ୍ଣ ଜଗନ୍ନାଥଙ୍କୁ ଦେଖି ସୁଖରେ ନର୍ତ୍ତନ କରି ଦୁର୍ବିଷହ ଜୀବନର ସକଳ ଦୈନ୍ୟ ଭୁଲିଯାଉଥିଲେ ।

କିନ୍ତୁ, ପରିସ୍ଥିତର ତାଡ଼ନାରେ ଏତିକି ମାତ୍ର ଆଧ୍ୟାତ୍ମିକ ସୁଖଲାଭରୁ ହିଁ ସେ ବଞ୍ଚିତ ହୋଇଛନ୍ତି । ତାହାହିଁ ତାଙ୍କ ଜୀବନର ଚରମ ଦୁଃଖର କାରଣ । ଦରିଦ୍ର ଦୀନକୃଷ୍ଣ ଯେଉଁ ସାମାନ୍ୟ ଅବଲମ୍ବନ ଟିକକ ନେଇ ବଞ୍ଚି ରହିଥିଲେ, ସେତିକି ମଧ ତାଙ୍କଠାରୁ ଛଡ଼ାଇ ନିଆଯାଇଛି ।

"କରିଥିଲା ଆଶ ଶ୍ରୀକ୍ଷେତ୍ରେ ନିବାସ କରିବାକୁ ଦୀନକୃଷ୍ଣ
କି ଅଭାଗ୍ୟୁଁ ତହିଁ ନ ପାରିଲା ରହି ପ୍ରଭୁ ନୋହିଲେ ସନ୍ତୁଷ୍ଟ ।"

କିମ୍ବା

"କର୍ମେ ଥିଲା ଯାହା ଭୋଗ କଲା ତାହା କେ ତାହା କରିବ ଆନ
କରମ କରତା କଇବଲ୍ୟ ଦାତା ଯେବେ ନୋହିଲେ ପ୍ରସନ୍ନ ।"

(ରସକଲ୍ଲୋଳ –୨୪ : ୨୬-୨୭)

ଗୋଟିଏ ଦିଗରେ ସାଂସାରିକ ଜଂଜାଳ, ଦାରିଦ୍ର୍ୟର ପୀଡ଼ନ, ଉଦର ପୋଷଣ ଲାଗି ମୂର୍ଖ ନାୟକର ସ୍ତୁତି, ଅନ୍ୟ ଦିଗରେ ପ୍ରତିଭାର ଅସ୍ୱୀକୃତି, ନିନ୍ଦୁକମାନଙ୍କ ଦ୍ୱାରା ମାନସିକ ନିର୍ଯ୍ୟାତନା, ପୁଣି ଆଉ ଏକ ଦିଗରେ ଆଧ୍ୟାତ୍ମିକ ସୁଖଲାଭ କରି ସଂସାରକୁ ଭୁଲିଯିବାର ପ୍ରୟାସରୁ ବଞ୍ଚନା – ଏଇ ସମସ୍ତ ଦୁଃଖ ଭିତରେ ଜଣେ ମଣିଷ ପକ୍ଷରେ ବଞ୍ଚି ରହିବା କେଡ଼େ ଦୁସହ! ଏତେ ଦୁଃଖକୁ ଛାତିରେ ଚାପିଧରି ବି କାବ୍ୟ ସାଧନା ଭିତରେ ନିଜକୁ ନିମଜ୍ଜିତ କରିପାରିଥିଲେ ଦୀନକୃଷ୍ଣ । କେହି ଗ୍ରହଣ କରୁ ବା ନ କରୁ ଏହି ସାରସ୍ୱତ କର୍ମ ହିଁ ଥିଲା ତାଙ୍କ ଜୀବନର ଏକମାତ୍ର ଆଶ୍ୱାସନା । ସେଇ ଆଶ୍ୱାସନା ଭିତରେ ବି କେତେବେଳେ କେମିତି ଦୁଃଖ ସବୁ ପ୍ରତ୍ୟକ୍ଷ ଭାବରେ ଫୁଟିଉଠିଛି । ଯେମିତି –

"କାହିଁକି ମୋତେ ସଂସାର ଲଟ, ମଧରେ ପ୍ରକ କଲ ସଂଘଟ
କିଁକେ ନ କଲ ଚରଣ ପଦ୍ମ କୁସୁମ ଲିଟ ହେ ।
କିମ୍ବା ଛାଡ଼ନ୍ତି ଭଗତି ବାଟ, ଆନନ୍ଦ ହୋଇ କରନ୍ତି ନାଟ
ଏବେ ଅନେକ ରୂପ କଲାନି ଏ ପୋଡ଼ା ପେଟ ହେ
କେତେବେଳ ବୋହିତେ ଗଲା କରଟ ହେ ।
କେତେବେଳରେ ମୂର୍ଖ ନାୟକ ଚାଟ ହେ
କେତେବେଳରେ ଅଦୃଶ୍ୟନଟ, କେତେବେଳରେ ବଧିର ଭାଟ
କେତେବେଳରେ ପଇଡ଼ ଖୋଳା ମୁଠି ମର୍କଟ ହେ ।"

(ରସକଲ୍ଲୋଳ – ୧୬:୨୭)

ଜୀବିକାର୍ଜନ ପାଇଁ ଦୀନକୃଷ୍ଣଙ୍କୁ କେତେ ଯେ କଷ୍ଟ କରିବାକୁ ପଡ଼ିଛି, କେତେ ଘୁରିବାକୁ ପଡ଼ିଛି, ପୁଣି କିଛି ଉପାୟ ନ ପାରି କିଂକର୍ତ୍ତବ୍ୟବିମୂଢ଼, ହେବାକୁ ହୋଇଛି, ତାହା 'ପଇଡ଼ ଖୋଳା ମୁଠି ମର୍କଟ', 'ଅଦୃଶ୍ୟନଟ', 'ବୋହିତେ ଗଲା କରଟ' ପରି ରୂପକ ମାଧ୍ୟମରେ ପ୍ରଭାବଶାଳୀ ଭାବେ ସୂଚିତ । ପୁଣି ଯେଉଁଠି କବି, ଦିଂମୁଠା ଅନ୍ନ ଯୋଗାଡ଼ କରିଛନ୍ତି, ସେଠାରେ ତାଙ୍କୁ 'ମୂର୍ଖ ନାୟକ ଚାଟ' ଓ 'ବଧିର ଭାଟ' ହେବାକୁ ପଡ଼ିଚି । ମୂର୍ଖ ନାୟକକୁ ସ୍ତୁତି କରିବା ଏବଂ ବଧିରକୁ ସଙ୍ଗୀତ ଶୁଣାଇବଠାରୁ ବଳି ଦୁଃଖ ବୋଧହୁଏ ଜଣେ ପ୍ରତିଭାବାନ୍ ବ୍ୟକ୍ତି ପାଇଁ ଆଉ କିଛି ନାହିଁ । ଏଥିପାଇଁ ଦୀନକୃଷ୍ଣ ଯେଉଁ ଘୋର ଆତ୍ମଗ୍ଳାନି ଅନୁଭବ କରିଛନ୍ତି, ତାକୁ ସେ କାବ୍ୟର ବିଭିନ୍ନ ଅଂଶରେ ଅଭିବ୍ୟକ୍ତ କରିଯାଇଛନ୍ତି ।

"କୃଷ୍ଣ ଆଶ୍ରେ କରି ସୁବିଦ୍ୟା ଆଚରି ପାଷଣ୍ଡକୁ ଯାହା ସ୍ତୁତି
କୃଷ୍ଣ ଦାସ କହେ କିଛି ଭଲ ନୋହେ କେବଳ ଛାତିକି କାତି ।"

(ରସକଲ୍ଲୋଳ – ୨୪:୩୦)

ଏଥିରୁ ମଧ ମଧ୍ୟଯୁଗୀୟ କବିମାନଙ୍କର ସାମାଜିକ ସ୍ଥିତିର ଏକ ସ୍ପଷ୍ଟ ଚିତ୍ର ମିଳିଥାଏ । ଉଦର ପୋଷଣ ପାଇଁ କବିମାନଙ୍କୁ ବିଭିନ୍ନ ସମୟରେ ବିଭିନ୍ନ ରାଜା ଓ ଜମିଦାରମାନଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିଛି । ମିଥ୍ୟା ସ୍ତୁତି କରି ସେମାନଙ୍କର କୃପା ଲାଭ କରିବାକୁ ହୋଇଛି । ପୁଣି କାବ୍ୟ-ଗ୍ରାହକତା ଲାଗି ଯୋଗ୍ୟତା ନ ଥିବା ସେଇ ମୂର୍ଖମାନଙ୍କୁ କାବ୍ୟରସ ପାନ କରାଇବାର ବ୍ୟର୍ଥ ଉଦ୍ୟମ କରିବାକୁ ପଡ଼ିଛି । ଏସବୁ କାର୍ଯ୍ୟ ଯେ ନିଛକ ଆତ୍ମ-ପ୍ରବଞ୍ଚନା, ତାହା ଅନୁଭବ କରି କବି ବାରମ୍ବାର ସନ୍ତୁଳିତ ହୋଇଛି । ଯେଉଁ କବି ପ୍ରଜାପତିଙ୍କର ଅବତାର ଭାବେ ଅଭିନବ ସୃଷ୍ଟି ରଚନା କରିପାରେ, ତାକୁ ପେଟ ଚାଖଣ୍ଡକ ପାଇଁ କେଡ଼େ ହୀନ ହୋଇ ଧନଶାଳୀ ଲୋକଙ୍କ ଆଗରେ ଦୟନୀୟ ଭାବେ ଠିଆ ହେବାକୁ ପଡ଼େ ।

ଏତିକିରେ କବିର ନିର୍ଯାତନା ଶେଷ ହୁଏ ନାହିଁ । କବିତ୍ୱର ପ୍ରଚାର କରି ଆତ୍ମପ୍ରସାଦ ଲାଭ କରିବାର ଅଭିଳାଷ ବି ତାକୁ ବେଳେବେଳେ ଅନେକ ଦୁଃଖ ଦିଏ । ରସିକ ଗ୍ରାହକଟିଏ ଖୋଜି ଖୋଜି ସେ ନିରାଶ ହୋଇପଡ଼େ । ଯାହାକୁ ସେ ରସିକ ପଣ୍ଡିତ ଭାବି ପାଖକୁ ଦୌଡ଼ିଯାଏ, ପାଖରେ ଯାଇ ଦେଖେ ଯେ ବାହାରକୁ ରସିକ ପରି ଜଣାପଡୁଥିବା ବ୍ୟକ୍ତିଜଣକ ପ୍ରକୃତରେ ରସିକ ନୁହେଁ ।

"କାହାରି ହୃଦ ଦ୍ରବଇ ନାହିଁ, ଜଳ ଉପଳ ପରାୟେ ହୋଇ
କେବଳ ବାହାରକୁ ତିନ୍ତିଲା ପରାୟେ ଦିଶେ ଯେ ।"

(ରସକଲ୍ଲୋଳ – ୩୪:୨୯)

ଯେଉଁମାନେ ଅରସିକ, ସେମାନେ ତ କାବ୍ୟରସ ଆସ୍ୱାଦନ ନ କରିପାରିବା ସ୍ୱାଭାବିକ । କବିର ଇଚ୍ଛା, ସମସ୍ତଙ୍କର କାବ୍ୟ ବିନୋଦନର କ୍ଷମତା ଥାଉ, କିନ୍ତୁ ତାହା ସମ୍ଭବ ନୁହେଁ । କାବ୍ୟ-କୃପଣ ମାନଙ୍କର ଅକ୍ଷମତା ଦେଖି ତା' ମନରେ କେବଳ ହତାଶ ଭାବର ହିଁ ସୃଷ୍ଟି ହୁଏ । ସେ ଦିନକୁ ଦିନ ଅତିଷ୍ଠ ହୋଇପଡ଼େ ।

"କୃପଣ ଚିତ୍ତ ନୋହେ ଚକିତ, ଦେଖିଲେ ନାନାରୂପେ ଅଦ୍ଭୁତ
ବାଳିଶ ମନ ଦ୍ରବଇ ନାହିଁ ଶୁଣିଲେ ଗୀତ ସେ ।"

(ରସକଲ୍ଲୋଳ – ୧୬:୨୭)

କିମ୍ବା

"କର୍କଶ ମୂର୍ଖ ଶୁଷ୍କତରୁ ମାତ୍ର, କେତେବେଳେ ହେଁ ନ ଧରଇ ପତ୍ର
କାମିନୀ ବିଭାବ । କରଇ ନିକି ନପୁଂସକ ଦ୍ରବ ।"

(ରସକଲ୍ଲୋଳ – ୩୪:୨୮)

ପୁଣି କେତେକଙ୍କ ନିକଟରେ କାବ୍ୟରସର ଉପଲବ୍ଧି ଘଟିଲେ ମଧ୍ୟ, ସେମାନେ କାବ୍ୟର ପ୍ରଶଂସା କରିବା ଦୂରେ ଥାଉ, କେବଳ ନିନ୍ଦା ହିଁ କରନ୍ତି । ଏମାନେ ହେଉଛନ୍ତି ଖଳ, ନିନ୍ଦୁକ ଓ ଅସହିଷ୍ଣୁ । ଜାଣିଶୁଣି କାବ୍ୟର ଗୁଣ ନ ଦେଖି ସାମାନ୍ୟ ଦୋଷକୁ ବଡ଼ କରି ପ୍ରଚାର କରିବା ଏମାନଙ୍କର ଧର୍ମ । ଏମାନେ -

"କରି ତ ଥାନ୍ତି ଜ୍ଞାନକୁ ହତ
ମୋହ ମନରେ ହୋଇ ସମ୍ମତ
ମୁଁ ତାଙ୍କୁ କି ବୋଲିବି ମୋହର ନ ଥାଇ କୃତ୍ୟ ଯେ ।"
(ରସକଲ୍ଲୋଳ – ୧୬:୨୮)

କବି ଯାହା ଖୋଜେ ତା ପାଏନା, ତା'ର ଅଭାବବୋଧ ବେଳକୁ ବେଳ ବଢ଼ିଯାଏ ସିନା କମେ ନାହିଁ । ସେ ଚାହେ, ଉଦରପୋଷଣ ଲାଗି ତାକୁ କୌଣସି କଷ୍ଟ ସ୍ୱୀକାର କରିବାକୁ ପଡ଼ନ୍ତା ନାହିଁ । ସେ ନିଶ୍ଚିନ୍ତ ମନରେ ବସି କାବ୍ୟ ସାଧନା କରିପାରନ୍ତା । ତାକୁ କୌଣସି ପ୍ରଭାବଶାଳୀ ଲୋକୁ ତୋଷାମୋଦ କରିବାକୁ ପଡ଼ନ୍ତା ନାହିଁ । ସେ ଏକାନ୍ତ ଭାବେ କାବ୍ୟ ସୃଷ୍ଟିରେ ମନୋନିବେଶ କରିପାରନ୍ତା । ଚିରଦିନ ଉନ୍ନତ ଶିର ଟେକି ସେ ଚାଲୁଥାନ୍ତା । ସମସ୍ତଙ୍କଦ୍ୱାରା ସେ ସମ୍ମାନିତ ହୁଅନ୍ତା । ସମସ୍ତେ ତା'ର କାବ୍ୟରସ ପାନକରି ମୁଗ୍ଧ ଚକିତ ହୁଅନ୍ତେ । ଧନ୍ୟଧନ୍ୟ କରୁଥାନ୍ତେ । ଏତେସବୁ ଚାହିଁବା ହିଁ ଶେଷରେ ବିଡ଼ମ୍ବନାରେ ପରିଣତ ହୁଏ । ତା' ମନର ସରସତା ମରିଯାଏ । ଦୀନକୃଷ୍ଣଙ୍କର ମାନସିକତା ଭିତରେ ଆମେ ଏଇ ସ୍ୱରୂପଟିକୁ ହିଁ ଦେଖିଥାଉଁ ।

ବ୍ୟକ୍ତିଗତ ଦୁଃଖର ପ୍ରତ୍ୟକ୍ଷ ପ୍ରକାଶ ବ୍ୟତୀତ ଅନେକତ୍ର ପରୋକ୍ଷ ଭାବରେ ବିଶେଷତଃ ଗୋପୀ ଚରିତ୍ରଗୁଡ଼ିକ ମାଧ୍ୟମରେ ତାଙ୍କର ଜୀବନବ୍ୟାପୀ ବେଦନାବୋଧର ଉଜ୍ଜ୍ୱଳ ପ୍ରକାଶ ଘଟିଛି, ଏଗୁଡ଼ିକ ଯଥାର୍ଥରେ କାବ୍ୟିକ ଓ ଚିରନ୍ତନ ମୂଲ୍ୟବୋଧ ସମ୍ପନ୍ନ । ମୂଳରୁ କୁହାଯାଇଛି ଗୋପୀଭାବ ନେଇ ଶ୍ରୀକୃଷ୍ଣଙ୍କୁ ଲାଭ କରିବାର ବାସନା ରହିଛି କବିଙ୍କ ମନରେ । କିନ୍ତୁ, ସହଜରେ ତ ସେ ଶ୍ରୀକୃଷ୍ଣଙ୍କୁ ପାଇ ପାରୁନାହାନ୍ତି, ପୁଣି ଶେଷରେ ଜଗନ୍ନାଥଙ୍କ ସାନ୍ନିଧ୍ୟରୁ ମଧ୍ୟ ବଞ୍ଚିତ ହୋଇଛନ୍ତି । ଏଥିରେ ସେ ଯେଉଁ ମର୍ମ ବେଦନା ଅନୁଭବ କରିଛନ୍ତି, ତାହା ଅଭିବ୍ୟକ୍ତି ଲାଭ କରିଛି ବିରହକାତରା ଗୋପୀମାନଙ୍କ ଦୁଃଖ ଓ ଅଭିମାନ ପ୍ରକାଶ ଭିତରେ।

ହୃଦୟର ଗଭୀର ଆବେଗ ଦେଇ ଗୋପୀମାନେ ଭଲ ପାଇଥିଲେ ଶ୍ରୀକୃଷ୍ଣଙ୍କୁ ଏଇ ଅନୁରାଗ ଭିତରେ କୌଣସି ସ୍ୱାର୍ଥ ନ ଥିଲା, କୌଣସି ଛଳନା ନ ଥିଲା । ପ୍ରେମିକ ନିକଟରେ ହୃଦୟକୁ ଉଜାଡ଼ି ଦେଇଥିଲେ ସେମାନେ । ଅଥଚ ଦାନ ବଦଳରେ ପ୍ରତିଦାନ ମିଳିଲା କେବଳ ପ୍ରତାରଣା । ଯାହାକୁ ଏବେ ବିଶ୍ୱାସ କରିଥିଲେ, ସେ ସେମାନଙ୍କୁ ବିସ୍ମୃତ ହୋଇଗଲା । ପ୍ରେମିକର ଏପରି ହତାଦର, ଅବହେଳାଠାରୁ ବଳି ଆଉ କ'ଣ ଅଧିକ ମର୍ମନ୍ତୁଦ ଘଟଣା ଥାଇପାରେ ପ୍ରେମିକା ପାଇଁ? ଏଇ ପରିପ୍ରେକ୍ଷୀରେ ଜଣେ ପ୍ରେମିକା ସହିତ ଜଣେ କବିର ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଇପାରେ । କବିଟିଏ ପ୍ରାଣ ଭରି ଭଲପାଏ ମଣିଷକୁ, ସମାଜକୁ, ଈଶ୍ୱରଙ୍କୁ, ପ୍ରକୃତିକୁ । ସେମାନଙ୍କର ରୂପଚିତ୍ର ଅଙ୍କନରେ ବିତାଇଦିଏ ସାରାଜୀବନ । ତାରି ପ୍ରତିବଦଳରେ ସେ ଖୋଜେ ମଣିଷର ଟିକିଏ ସ୍ନେହ, ଟିକିଏ ସହାନୁଭୂତି । କିନ୍ତୁ ନିଷ୍ଠୁର ସମାଜ ଭିତରେ ଏତିକି ମିଳିବା ତା' ପକ୍ଷରେ ହୋଇଉଠେ ଦୁର୍ଲଭ । ଯେମିତି ଦୀନକୃଷ୍ଣ ମଣିଷର ଶ୍ରଦ୍ଧା ପାଇବାରୁ କି ଆକୁଳ ନିବେଦନ କରି ନ ଯାଇଛନ୍ତି, କେତୋଟି ଧାଡ଼ିରେ ତାଙ୍କର ଗଭୀର ହତାଶା ବଡ଼ ସ୍ପଷ୍ଟ ଭାବେ ଉଚ୍ଚାରିତ –

"କର ଧରି କହୁଅଛି ହେ ଜନେ,
କ୍ରୋଧ ଅଭିମାନ ନ ଧର ମନେ,
କରୁଣା ହୃଦୟ ନିରତ ହୁଅ,
କୃଷ୍ଣ କଥାରେ ଏକା ମନ ଦିଅ ।"

(ରସକଲ୍ଲୋଳ – ୩୪:୩୧)

କେବଳ ମଣିଷ ପାଇଁ ନୁହେଁ ଈଶ୍ୱରଙ୍କ ପାଇଁ ଅର୍ଥାତ୍ ଶ୍ରୀକୃଷ୍ଣ ଓ ଜଗନ୍ନାଥଙ୍କ ପାଇଁ କେତେ ଅଭିମାନ ସେ ହୃଦୟରେ ସଂଚିତ ରହିଛି । 'ପ୍ରଭୁ ନୋହିଲେ ସତୃଷ୍ଣ' ବାକ୍ୟଟି ତ କେବଳ ଅଭିମାନରେ ଭରପୂର ।

ଗୋପୀଭାବାପନ୍ନ କବି ନିଜକୁ ଗୋପୀମାନଙ୍କ ଭୂମିକାରେ ରଖି କୃଷ୍ଣଙ୍କ ପ୍ରତି ନିଜର ଅଭିମାନ ବାରମ୍ବାର ପ୍ରକାଶ କରିଛନ୍ତି । ଏତେ ଆବେଗରେ କୃଷ୍ଣକଥା ଗାନ କରି କରି ଶେଷରେ ସେ ଏକ ବିରାଟ ହତାଶା ଭିତରେ କାଳାତିପାତ କରୁଛନ୍ତି । ଗୋପୀମାନଙ୍କ ଦୁର୍ଦ୍ଦଶାଠାରୁ ତାଙ୍କ ଦୁର୍ଦ୍ଦଶା କମ୍ ନୁହେଁ । ତେଣୁ, ଗୋପୀମାନଙ୍କ ମୁହଁରେ କୁହାଇଛନ୍ତି –

"କୋକିଳ ପରାୟେ କୁଞ୍ଜବନ ରାୟେ କଲେ ଯେଉଁ ଆଚରଣ
କୃପଣ ସେବନ ପ୍ରାୟେ ମହାଶୋକ କଲୁଁ ହୃଦେ ଆଭରଣ ।"

(ରସକଲ୍ଲୋଳ – ୩୩:୧୨)

X X X X X

"କାଖେ କୋଳେ ଧରି କେତେ ସେବା କରି କାହିଁରେ ଆମ୍ଭେ ନୋହିଲୁ
କୃଷିକାର ପ୍ରାୟେ କ୍ଲେଶ କରି କାୟେ ଶ୍ରମ ଲାଭକୁ ପାଇଲୁ ।
କଳନ୍ତର ଲୋଭେ ଗଲା । ମୂଳ କଲୁଁ ହୃଦୟ ମାତ୍ର ବିକଳ ସେ ।"

(ରସକଲ୍ଲୋଳ – ୩୩:୨୦)

କୃଷିକାର ଓ କୃପଣ ସେବକ ପରି ଦୁଇଟି କାବ୍ୟାନୁଷଙ୍ଗର ବ୍ୟବହାରରେ କବି ପ୍ରତାରଣାର ଏକ ଦୟନୀୟ ସ୍ୱରୂପ ପ୍ରଦର୍ଶନ କରିଛନ୍ତି । ଏ ଦୁଇଟି ଅନୁଷଙ୍ଗ ଆସିଛି ତାଙ୍କର ବ୍ୟକ୍ତିଗତ ଅନୁଭୂତିରୁ ଅନ୍ୟ ମଧ୍ୟଯୁଗୀୟ କବିମାନେ ପାରମ୍ପରିକ ଉପମା, ରୂପକକାଦି ବ୍ୟବହାର କରିଛନ୍ତି ମାତ୍ର, ନିଜ ଅନୁଭୂତି ଭିତରୁ ଏସବୁ ସଂଗ୍ରହ କରିବାର ପ୍ରୟାସ କରିନାହାନ୍ତି । ଦୀନକୃଷ୍ଣଙ୍କ ବ୍ୟକ୍ତି-ଅନୁଭୂତିର ପ୍ରତିଫଳନ ଯୋଗୁଁ ଉପମା ଓ ଅନୁଷଙ୍ଗଗୁଡ଼ିକ ନୂତନ ଓ ଜୀବନ୍ତ ।

ଶ୍ରୀକୃଷ୍ଣଙ୍କ ପ୍ରତି ଅଭିମାନ ରସକଲ୍ଲୋଳର ୩୩ ଛାନ୍ଦର ପ୍ରତିଟି ପଂକ୍ତିରେ ପ୍ରତିଫଳିତ । 'କାର୍ଯ୍ୟ ଘେନା ପ୍ରୀତି ଶକକତି କୀରତି କେବେ ହେଁ ରହଇ ନାହିଁ ।" ବା, "କୃପା କଲା ଲୋକ ନୋହିତ ବିବେକ ଆପଣା ଲୋକରେ

ଯେବେ ।" – ଏଇପରି କେତେକ ଧାଡ଼ିରେ ବଡ଼ ହୃଦୟସ୍ପର୍ଶୀ ଭାବେ ଫୁଟିଉଠିଛି ଦୀନକୃଷ୍ଣଙ୍କର ଦୁର୍ଜ୍ଜୟ ଅଭିମାନ । ବ୍ୟକ୍ତିଗତ ହତାଶା ସଂଜାତ ଅଭିମାନକୁ କେତେ ଅନ୍ତରଙ୍ଗ, କେତେ ମର୍ମସ୍ପର୍ଶୀ କରି ଫୁଟାଇ ପାରିଛନ୍ତି ସଜୀବ ସାଦୃଶ୍ୟ କଳ୍ପନା ଭିତରେ –

"କଢ଼ି କୁସୁମକୁ ଫୁଟାଇବା ସବୁ ପ୍ରବେଶ କରିଛି କେହି
କରତା ବିମନ ହେଲେ ତାହା ଆନ କରିବା କଥା ହିଁ ସେହି ।
କରି ଓଟାରି ଯହିଁ ପୀରତି । କଷ୍ଟ ତହୁଁ ବଡ଼ ନାହିଁ କ୍ଷିତି ।"

(ରସକଲ୍ଲୋଳ – ୩୩:୨୮)

ଜୀବନସାରା କାବ୍ୟ ସାଧନା କରି କାଳାତିପାତ କରୁଥିଲେ ମଧ୍ୟ ଆପଣାର ବିପନ୍ନ ସାମାଜିକ ସ୍ଥିତି, ମୂର୍ଖ ନାୟକ ଚାଟ ହେବାର ଆତ୍ମଗ୍ଲାନି କବିଙ୍କୁ ପ୍ରଚଣ୍ଡ ଅଭିମାନୀ କରି ତୋଳିଛି । କେତେବେଳେ ସେ ଅଭିମାନ କରିଛନ୍ତି, ତାଙ୍କର ସଂସର୍ଗରେ ଆସୁଥିବା ମଣିଷମାନଙ୍କ ଉପରେ ତ କେତେବେଳେ ତାଙ୍କର ଆରାଧ୍ୟ ଦେବତାଙ୍କ ଉପରେ । କେତେବେଳେ ଅଭିମାନ ପ୍ରତ୍ୟକ୍ଷ ଭାବେ ପ୍ରକାଶିତ ତ କେତେବେଳେ ପରୋକ୍ଷ ଭାବେ । ସବୁଠି କିନ୍ତୁ ଲକ୍ଷ୍ୟ କରିହୁଏ ଗୋଟିଏ କରୁଣ ଆତ୍ମାର ବିଳାପ, ଏକ ବିଦଗ୍ଧ କବିତ୍ୱର ଉଚ୍ଚାରଣ ।